# ବିପ୍ଳବୀ କବି ପଞ୍ଚାନନ ମାର୍ଣ୍ଡିଙ୍କ ଜନ୍ମ ଶତବାର୍ଷିକୀ



**ନିର୍ଭୟ ମିଡିଆ : ବାରିପଦା**

ଶୁକ୍ରବାର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସଭାଗୃହରେ ସର୍ବଭାରତୀୟ ସାନ୍ତାଳୀ ଲେଖକ ସଂଘ ଓଡ଼ିଶା ଶାଖା, ବିଶ୍ୱବିଦ୍ୟାଳୟ ସାନ୍ତାଳୀ ବିଭାଗ ଏବଂ କେନ୍ଦ୍ର ସାହିତ୍ୟ ଏକାଡେମୀ ମିଳିତ ସହଯୋଗରେ ବିପ୍ଳବୀ କବି ପଞ୍ଚାନନ ମାର୍ଣ୍ଡିଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହୋଇଛି । ଏହି ଉପଲକ୍ଷେ ଆୟୋଜିତ ଆଲୋଚନା ଚକ୍ରରେ ବିଶିଷ୍ଟ ଲେଖକ ଉଦୟ ନାଥ ମାଝୀ, ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା, ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ, କେନ୍ଦ୍ର ସାହିତ୍ୟ ଏକାଡେମୀ ଉପଦେଷ୍ଟା ଚୈତନ୍ୟ ପ୍ରସାଦ ମାଝୀ, ମଦନ ମୋହନ ସୋରେନ, ନିତ୍ୟାନନ୍ଦ ମାର୍ଣ୍ଡି, କବି ଡ. ଦେବେନ୍ଦ୍ର କୁମାର ଦେବେଶ, ଡ. ଗଙ୍ଗାଧର ହାଁସଦା, ପ୍ରଫେସର ଜତୀନ୍ଦ୍ର ନାଥ ବେଶ୍ରା, ଅଧ୍ୟାପକ ଲକ୍ଷ୍ମଣ ବାସ୍କେ, ଗବେଷକ ରାମରାୟ ମାଝୀ, ଲେଖିକା ସୁମିତ୍ରା ମୁର୍ମୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ବିପ୍ଳବୀ କବି ପଞ୍ଚାନନ ମାର୍ଣ୍ଡିଙ୍କ ଜୀବନୀ ଓ କୃତୀ ସମ୍ପର୍କରେ ବକ୍ତାମାନେ ଆଲୋଚନା କରିଥିଲେ । ଆଦିବାସୀମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ସହିତ ନିଜର ସତନ୍ତ୍ର ପରିଚୟ ସୃଷ୍ଟି କରିବା ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ । ମଣିଷର ବୌଦ୍ଧିକ ବିକାଶ ପାଇଁ ସମସ୍ତ ପ୍ରୟାସ ଜାରି ରଖିବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ । କବି ହାଡାମ ବାସ୍କେ ଧନ୍ୟବାଦ ଅର୍ପଣ କରିଥିଲେ ।